# NATIONAL NEWS BULLETIN (ODIA)

## 5 October- 2025

## Mid Bulletin : 1.50 p.m.

# ମୁଖ୍ୟ ସମ୍ବାଦ

- ଦାର୍ଜିଲିଂରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ୨୦ଜଣଙ୍କ ମୃତ୍ୟୁ ସୂଚନା ।

\- ଘଟଣାରେ ଗଭୀର ଶୋକପ୍ରକାଶ କଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀ ସମେତ ଦେଶର ୧୦ହଜାର ୫୦୦ଟି ସ୍ଥାନରେ ସଣ୍ଡେଜ୍ ଅନ୍ ସାଇକଲ ଅଭିଯାନ ଆୟୋଜିତ ।

- ଭୁବନେଶ୍ୱର ଆଇଆଇଟିରେ ନମୋ ସେମିକଣ୍ଡକ୍ଟର ପରୀକ୍ଷାଗାର ସ୍ଥାପନ ନିମନ୍ତେ କେନ୍ଦ୍ରର ମଞ୍ଜୁରୀ

- ବିହାର ଗସ୍ତର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀଙ୍କ ସହ ବୈଠକ କଲେ ନିର୍ବାଚନ ଆୟୋଗ ।

ଏବଂ

- ଆଇ.ସି.ସି. ମହିଳା ଏକଦିବସୀୟ ବିଶ୍ୱ କପ୍‌ରେ ଆଜି ହେବ ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ।

# ଦାର୍ଜିଲିଂ ରେନ୍ ଆଣ୍ଡ୍ ଲ୍ୟାଣ୍ଡ୍‌ସଲାଇଡ୍

ଦାର୍ଜିଲିଂ ଜିଲ୍ଲାରେ ଅବିରତ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଗୋର୍ଖାଲାଣ୍ଡ ଅଞ୍ଚଳରେ ଗତ ସଂଧ୍ୟା ପରଠାରୁ ୨୦ଜଣଙ୍କର ମୃତ୍ୟୁ ହୋଇଛି । ମିରିକ, କୁର୍‌ସିଓଙ୍ଗ, ରଙ୍ଗଭଙ୍ଗ, ପୁଲ୍‌ବଜାର ଆଦି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି । କଲିମମଙ୍ଗ ପାର୍ବତ୍ୟ ଜିଲ୍ଲାରେ ଏବଂ ଅନ୍ୟକେତେକ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ହୋଇଥିବା ସୂଚନା ଦିଆଯାଇଛି । ସଂପୃକ୍ତ ଅଞ୍ଚଳରେ ପ୍ରବଳ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ତିସ୍ତାନଦୀଜଳ ଜାତୀୟ ରାଜପଥ ଉପରେ ଅନେକ ସ୍ଥାନରେ ପ୍ରବାହିତ ହେଉଥିବାବେଳେ ସିଲିଗୁଡ଼ି, ସିକ୍କିମକୁ ସଂଯୋଗ କରୁଥିବା ୧୦ନମ୍ବର ଜାତୀୟ ରାଜପଥକୁ ବନ୍ଦ ରଖାଯାଇଛି ।

ମିରିକ୍ ଉପଖଣ୍ଡରେ ୧୩ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ନର୍ଥ ବେଙ୍ଗଲ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେହିପରି ଦାର୍ଜିଲିଂ ଉପଖଣ୍ଡର ସୁଖିଆ ପୋଖ୍ରି ଅଞ୍ଚଳରେ ୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ନିଖୋଜ ଅଛନ୍ତି । ବିଜନବାଡିରେ ଜଣଙ୍କ ମୃତ୍ୟୁ ହୋଇଛି । ସିଲିଗୁଡ଼ିରୁ ମିରିକ୍‌କୁ ସଂଯୋଗ କରୁଥିବା ଦୁଧିଆ ସେତୁ ସଂପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଥିବାବେଳେ ମିରିକ୍‌ରୁ ସିଲିଗୁଡ଼ିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଦାର୍ଜିଲିଂ, କୁରସିଓଙ୍ଗ, ମିରିକ୍, କଲିମପଙ୍ଗ ଓ ସିକ୍କିମ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ବର୍ଷା ଓ ଭୂସ୍ଖଳନରେ ବାସଗୃହ, ଚାଷଜମି ସଂପୂର୍ଣ୍ଣ ନଷ୍ଟ ହେବା ସହ କେତେକ ସ୍ଥାନରେ ଏହା ସଂପୂର୍ଣ୍ଣ ଧୋଇ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଶାସନ ପକ୍ଷରୁ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ କରାଯାଉଛି । ଲୋକସଭା ସାଂସଦ ରାଜୁବିଷ୍ଟ, ରାଜ୍ୟସଭା ସାଂସଦ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ପ୍ରପୀଡିତ ଲୋକମାନଙ୍କୁ ସାହାଯ୍ୟ କରିବା ଲାଗି ଉଦ୍ୟମ ଚଳାଇଛନ୍ତି ।

ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦୀ ଦାର୍ଜିଲିଂ ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପ୍ରତି ଗଭୀର ଶୋକପ୍ରକାଶ କରିଛନ୍ତି । ଏକ ବାର୍ତ୍ତାରେ ଶ୍ରୀ ମୋଦୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେ କହିଛନ୍ତି ସମ୍ପୃକ୍ତ ଅଞ୍ଚଳର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ସରକାରଙ୍କ ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

## ମାଣ୍ଡବ୍ୟ ସଣ୍ଡେଜ ସାଇକଲ

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ନୂଆଦିଲ୍ଲୀରେ ବିଶ୍ୱ ଶିକ୍ଷକ ଦିବସ ଅବସରରେ ଆୟୋଜିତ ସଣ୍ଡେଜ ଅନ୍ ସାଇକଲର ସ୍ୱତନ୍ତ୍ର ସଂସ୍କରଣରେ ଭାଗ ନେଇଛନ୍ତି । ଫିଟ୍‌ଇଣ୍ଡିଆ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଶତାଧିକ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ନାଗରିକମାନେ ଭାଗନେଇ ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଯାଇଥିଲେ । ଡକ୍ଟର ମାଣ୍ଡବୀୟ ଏହି ଅବସରରେ କହିଛନ୍ତି ଦେଶରେ ଆଜି ୧୦ହଜାର ୫ଶହଟି ସ୍ଥାନରେ ସଣ୍ଡେଜ ଅନ୍ ସାଇକଲ ଆୟୋଜିତ

ହୋଇଛି ଏବଂ ଏଥିରେ ଅନେକ ସଂଖ୍ୟାରେ ଶିକ୍ଷକମାନେ ସାମିଲ ହୋଇଛନ୍ତି । ଦେଶରେ ଏବେ ପ୍ରତ୍ୟେକ ରବିବାର ଦିନ ଲକ୍ଷଲକ୍ଷ ଲୋକ ସାଇକଲ ଚାଳନା କରି ନିଜକୁ ସୁସ୍ଥ ରଖିବା ଲାଗି ଚେଷ୍ଟା କରୁଛନ୍ତି । ଏହି ଅବସରରେ ମନ୍ତ୍ରୀ ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅତ୍ୟନ୍ତ ପ୍ରେରଣାଦାୟକ ହେବ ବୋଲି କହିଛନ୍ତି ।

**V/O (Byte of Mansukh Mandaviya)**

## ବୈଷ୍ଣବ-ସେମିକନ୍ ଲ୍ୟାବ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଇଆଇଟି ଭୁବନେଶ୍ୱରରେ ନମୋ ସେମି କଣ୍ଡକ୍ଟର ପରୀକ୍ଷାଗାର ସ୍ଥାପନ ନିମନ୍ତେ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିଲାଗି ୪ କୋଟି ୯୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ପରୀକ୍ଷାଗାରରେ ସେମି କଣ୍ଡକ୍ଟର ପ୍ରଶିକ୍ଷଣ, ଡିଜାଇନ୍ ଏବଂ ନିର୍ମାଣ ଲାଗି ଆବଶ୍ୟକ ଉପକରଣ ଓ ସଫ୍ଟୱେୟାର ରଖାଯିବ । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଏହି ପରୀକ୍ଷାଗାର କାର୍ଯ୍ୟକ୍ଷମ ହେଲେ ଦେଶରେ ଥିବା ଶିଳ୍ପଦକ୍ଷତା ସମ୍ପନ୍ନ ଯୁବଗୋଷ୍ଠୀ ଅଧିକ କାର୍ଯ୍ୟକ୍ଷମ ହୋଇପାରିବେ । ସେ କହିଛନ୍ତି ଏହି ପରୀକ୍ଷାଗାର ଜରିଆରେ ଦେଶରେ ଆବଶ୍ୟକ ହେଉଥିବା ଚିପ୍ ନିର୍ମାଣ ଏବଂ ପ୍ୟାକେଜିଂ ୟୁନିଟ୍ ପାଇଁ ଆବଶ୍ୟକ ହେଉଥିବା ଆଧୁନିକ ଜ୍ଞାନକୌଶଳ ସମ୍ପନ୍ନ ମାନବସମ୍ବଳର ଆବଶ୍ୟକତା ପୂରଣ ହୋଇପାରିବ । ଦେଶରେ

ସେମିକଣ୍ଡକ୍ଟର ୟୁକୋ ସିଷ୍ଟମ ଦ୍ରୁତଗତିରେ ବିକାଶଲାଭ କରୁଥିବାବେଳେ ଏହି ପରୀକ୍ଷାଗାର ମେକ୍ ଇନ୍ ଇଣ୍ଡିଆ ଏବଂ ଡିଜାଇନ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ଆହୁରି ଆଗକୁ ନେବ ।

## ବିହାର-ଇସିଆଇ ମିଟିଂ

ବିହାର ଗସ୍ତରେ ଆଜି ଦ୍ୱିତୀୟ ଦିନରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଯାଇଥିବା ନିର୍ବାଚନ ପ୍ରତିନିଧି ଦଳ ଆଜି ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହ ବୈଠକ କରିଛନ୍ତି । ବୈଠକରେ ବରିଷ୍ଠ ପୁଲିସ ଅଧିକାରୀ, କେନ୍ଦ୍ରୀୟ ପୁଲିସ ବଳ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଆଗାମୀ ବିଧାନସଭା ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଲାଗି ଆଲୋଚନା କରିଛନ୍ତି । ଆଜି ମୁଖ୍ୟ ନିର୍ବାଚନଆୟୁକ୍ତ ଜ୍ଞାନେଶ କୁମାର ନିର୍ବାଚନ ପ୍ରକ୍ରିୟା ସମୟରେ କଳାଧନ ଠାବ କରିବା ଏବଂ ନିଶାଦ୍ରବ୍ୟ କାରବାର ରୋକିବା ନେଇ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହ ପାଟନାରେ ବୈଠକ କରିଥିଲେ । ଏଥିରେ ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସୀମା ଶୁଳ୍କ, ନିଶାଦ୍ରବ୍ୟ ନିରୋଧ ବ୍ୟୁରୋ, ବ୍ୟାଙ୍କ, ରେଳବାଇ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ଯୋଗ ଦେଇଥିଲେ । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ଅନ୍ୟ ୨ଜଣ ଆୟୁକ୍ତ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଓ ଡକ୍ଟର ବିବେକ ଯୋଶୀ ଏକ ଉଚ୍ଚସ୍ତରୀୟ ବୈଠକରେ ଆଗାମୀ ବିଧାନସଭା ନିର୍ବାଚନ ସମ୍ପର୍କିତ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିଥିଲେ । ନିର୍ବାଚନ କମିଶନ ରାଜ୍ୟରେ ସୁରକ୍ଷା, ଆଇନ୍ ଏବଂ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ

ପରିସ୍ଥିତି ତଥା ବିହାର ସୀମା ସହ ଆନ୍ତର୍ଜାତିକ ସୀମା କ୍ଷେତ୍ରରେ ରାଜ୍ୟ ପୁଲିସ ଏବଂ ଅର୍ଦ୍ଧ ସାମରିକ ବଳ ମୁତୟନ ନେଇ ଆଲୋଚନା କରିଛନ୍ତି ।

ଆଜି ବିହାରର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚନ ଆୟୋଗଙ୍କ ପ୍ରତିନିଧି ଦଳ ସହ ବୈଠକ କରିବେ । ପରେ ନିର୍ବାଚନ ସହ ଜଡିତ ବିଭିନ୍ନ ଅଂଶୀଦାରଙ୍କ ସହ ଏକ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣରେ ଆୟୋଗଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି ଜଣାପଡିଛି ।

## ୟୁ.କେ. ପି.ଏମ୍. - ଇଣ୍ଡିଆ ଭିଜିଟ୍

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଚଳିତ ମାସ ୮ ତାରିଖରେ ଦୁଇଦିନିଆ ଭାରତ ଗସ୍ତରେ ଆସିବେ । ଭାରତକୁ ଏହା ତାଙ୍କର ପ୍ରଥମ ସରକାରୀ ଗସ୍ତ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଅକ୍ଟୋବର ୯ ତାରିଖରେ ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ମିଳିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବେ । ଭିଜନ୍-୨୦୩୫ ରେଡ୍‌ମ୍ୟାପ୍ ଅନୁଯାୟୀ ଭାରତ-ବ୍ରିଟେନ୍ ବ୍ୟାପକ ରଣନୈତିକ ସହଭାଗିତା ଉପରେ ଆଲୋଚନା ହେବ । ଏହା ଏକ ୧୦ ବର୍ଷିଆ ସମୟବଦ୍ଧ ଯୋଜନା, ଯେଉଁଥିରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ, ପ୍ରତିରକ୍ଷା ଓ ସୁରକ୍ଷା, ଜଳବାୟୁ ଓ ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲୋକସମ୍ପର୍କ ଆଦି ପ୍ରସଙ୍ଗ ରହିଛି ।

ଉଭୟ ନେତା ବିଭିନ୍ନ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନାପୂର୍ବକ ଭବିଷ୍ୟତରେ ଦୁଇଦେଶ ମଧ୍ୟରେ ଅର୍ଥନୈତିକ ଭାଗିଦାରିତାକୁ ସୁଦୃଢ଼ କରିବା ଲାଗି ନିଷ୍ପତ୍ତି ନେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ ଷ୍ଟାର୍ମର ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀର ଷଷ୍ଠ ସଂସ୍କରଣରେ ଯୋଗାଦବା ସହ ସମ୍ବୋଧନ କରିବେ । ଏଥିରେ ଶିଳ୍ପ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ନବସୃଜନକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଗାଜା ସିଜ୍‌ଫାୟାର ଟକ୍‌ସ

ଗାଜା ଅସ୍ତ୍ରବିରତି ନେଇ ଆଜିଠାରୁ ଆଲୋଚନା ଆରମ୍ଭ ହେବ । ହମାସ୍, ଇସ୍ରାଏଲ ଏବଂ ଆମେରିକା ଆଜିଠାରୁ କାଏରୋଠାରେ ଅସ୍ତ୍ରବିରତି ଚୁକ୍ତି ନେଇ ଆଲୋଚନା କରିବେ । ଇଜିପ୍ଟର ବୈଦେଶିକ ମନ୍ତ୍ରୀ କହିଛନ୍ତି ଇସ୍ରାଏଲ ଏବଂ ହମାସ୍‌ର ପ୍ରତିନିଧିମଣ୍ଡଳୀ ଆଲୋଚନା କରିବା ସହ ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ ପଣବନ୍ଦୀମାନଙ୍କ ମୁକ୍ତି ବିଷୟରେ ନିଷ୍ପତ୍ତି ଗ୍ରହଣ କରିବେ । ଆଜି ଏବଂ ଆସନ୍ତାକାଲି ହମାସ୍ ଏବଂ ଇସ୍ରାଏଲର ଉଚ୍ଚସ୍ତରୀୟ ଅଧିକାରୀମାନେ ଆଲୋଚନା କରିବେ ବୋଲି ଇଜିପ୍ଟର ଗଣମାଧ୍ୟମ ସୂଚନା ଦେଇଛି ।

ଇତିମଧ୍ୟରେ ଇସ୍ରାଏଲର ଆକ୍ରମଣରେ ଗାଜାରେ ୭୦ଜଣ ପାଲେଷ୍ଟାଇନ୍ ଅଧିବାସୀଙ୍କ ମୃତ୍ୟୁ ଘଟିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଶାନ୍ତି ଚୁକ୍ତିକୁ ପୂରଣ କରିବାକୁ ଯାଇ ଇସ୍ରାଏଲ ପକ୍ଷରୁ

ସାମୟିକ ଭାବେ ଆକ୍ରମଣ ବନ୍ଦ ରଖାଯିବା ବିଷୟ ଘୋଷଣାର ୨୪ଘଣ୍ଟା ମଧ୍ୟରେ ଏଭଳି ଆକ୍ରମଣ କରାଯାଇଛି ।

ଅନ୍ୟପକ୍ଷରେ ଲଣ୍ଡନରେ ନିଷିଦ୍ଧ ଘୋଷଣା କରାଯାଇଥିବା ଏକ ପାଲେଷ୍ଟାଇନ୍ ଗୋଷ୍ଠୀର କାର୍ଯ୍ୟକଳାପକୁ ସମର୍ଥନ କରି ପ୍ରତିବାଦ ଅଭିଯୋଗରେ ୫୦୦ଜଣଙ୍କୁ ଗିରଫ କରାଯାଇଛି । ପ୍ରଦର୍ଶନକାରୀମାନେ ପାଲେଷ୍ଟାଇନ୍‌ରେ ନରସଂହାର ବୋଲି କୁହାଯାଉଥିବା ଘଟଣା ପ୍ରତିବାଦରେ ପ୍ରଦର୍ଶନ କରିବା ସହ ପାଲେଷ୍ଟାଇନ୍‌ର କାର୍ଯ୍ୟକୁ ସମର୍ଥନ କରିଛନ୍ତି ।

## ୟୁ.ଆଇ.ଡି.ଏ.ଆଇ.

ଭାରତୀୟ ଏକକ ପରିଚୟ ପ୍ରାଧିକରଣ – ୟୁ.ଆଇ.ଡି.ଏ.ଆଇ. ୭ରୁ ୧୫ ବର୍ଷ ବୟସର ପିଲାଙ୍କ ନିମନ୍ତେ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍‌କୁ ଦେୟମୁକ୍ତ କରିଛନ୍ତି । କେନ୍ଦ୍ର ଇଲୋକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏକ ବିବୃତ୍ତିରେ ଏହି ବିଷୟ ସ୍ପଷ୍ଟ କରିଛି । ଚଳିତ ମାସ ୧ ତାରିଖରୁ ଲାଗୁ ହୋଇଥିବା ଏହି ଦେୟମୁକ୍ତ ବ୍ୟବସ୍ଥା ୧ ବର୍ଷପାଇଁ ବଳବତ୍ତର ରହିବ । ଫଳରେ ୬ କୋଟି ପିଲା ଉପକୃତ ହେବେ ।

ଅନ୍ୟପକ୍ଷରେ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କପାଇଁ ଆଧାର ପଞ୍ଜୀକରଣ ନିମନ୍ତେ ନାମ, ଫଟୋ, ଜନ୍ମତାରିଖ, ଲିଙ୍ଗ ଏବଂ ଠିକଣା ଆବଶ୍ୟକ । ସେଥିଲାଗି ବାୟୋମେଟ୍ରିକ୍‌ର କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଶିଶୁର ବୟସ ୫ ବର୍ଷ

ହେବାପରେ ବାୟୋମେଟ୍ରିକ୍ ଅପ୍‌ଡେଟ୍ କରାଯିବ । ପରବର୍ତ୍ତୀ ସମୟରେ ୧୫ ବର୍ଷ ବୟସରେ ଏହାକୁ ଆଉଥରେ ଅପ୍‌ଡେଟ୍ କରାଯିବା ଲାଗି କୁହାଯାଇଛି । ପ୍ରଥମ ଏବଂ ଦ୍ୱିତୀୟ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍ ଦେୟମୁକ୍ତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏଥିଲାଗି ୧୨୫ ଟଙ୍କା ଦେୟ ଦେବାକୁ ପଡ଼ିବ ।

## ୱିମେନ୍ କ୍ରିକେଟ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ପ୍ରତିଯୋଗିତାରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଡି.ଏଲ୍.ଏସ୍. ଜରିଆରେ ଅଣଷଠି ରନ୍‌ରେ ପରାସ୍ତ କରିଥିଲା । ଅନ୍ୟପକ୍ଷରେ ପାକିସ୍ତାନ ୭ ୱିକେଟ୍‌ରେ ବାଂଲାଦେଶଠାରୁ ପରାସ୍ତ ହୋଇଥିଲା । ଭାରତ ପୂର୍ବରୁ ପାକିସ୍ତାନ ସହ ଖେଳିଥିବା ସମସ୍ତ ୧୧ଟି ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ବିଜୟ ହାସଲ କରିଛି । ଆଜିର ମ୍ୟାଚ୍ ଜିତିଲେ ଭାରତ ସେମିଫାଇନାଲ୍‌କୁ ଉନ୍ନୀତ ହେବ ।

ଗତକାଲି ଆର୍. ପ୍ରେମଦାସା ଷ୍ଟାଡିୟମରେ ବର୍ଷା ଯୋଗୁଁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବାତିଲ୍ ହୋଇଥିଲା ।

# ୱାର୍ଲଡ ପାରା ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନସିପ୍‌ରେ ଭାରତ ରେକର୍ଡସଂଖ୍ୟକ ୧୮ଟି ପଦକ ହାସଲ କରିଛି । ଏଥିରେ ୬ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି ।

ଆଜି ସ୍ୱର୍ଣ୍ଣପଦକପ୍ରାପ୍ତ ନବୀନ କ୍ରୀଡ଼ା ପ୍ରଦର୍ଶନ କରିବେ । ଗତକାଲି ଏକତା ଭାୟାଁ ମହିଳା କ୍ଲବ୍ ଥ୍ରୋ F-51 ବର୍ଗରେ ଏବଂ ସୋମନ ରାଣା ପୁରୁଷ ସଟ୍‌ପୁଟ୍ F-57 ବର୍ଗରେ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଉଚ୍ଚଡିଆଁ T-64 ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି । ପୂର୍ବରୁ ଜାପାନରେ ଅନୁଷ୍ଠିତ ପାରା ଆଥ୍‌ଲେଟିକ୍ ଚାମ୍ପିୟନ୍‌ସିପରେ ଭାରତ ୬ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୬ଟି କାଂସ୍ୟ ପଦକ ଜିତିଥିଲା ।

ମହିଳା କ୍ଲବ୍ ଥ୍ରୋରେ ଏକତା ଫାଇନାଲ୍ ପର୍ଯ୍ୟାୟରେ ୧୯ ଦଶମିକ ୮ ମିଟର ଥ୍ରୋ କରିଥିଲେ । ଏଥିରେ ୟୁକ୍ରେନ୍‌ର ଜୋଇଆ ଓଭ୍‌ସିଲ୍ ୨୪ ଦଶମିକ ୩ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

ପୁରୁଷ ସଟ୍‌ପୁଟ୍‌ରେ ସୋମନ ରାଣା ୧୪ ଦଶମିକ ୬/୯ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ । ଉଚ୍ଚଡିଆଁରେ ପ୍ରବୀନ କୁମାର ୨ ମିଟର ଡେଇଁଥିଲେ ।